SAMBAD
ସମ୍ବାଦ
Largest circulated odia daily




Home | Contact us

ପ୍ରଥମ ମୁକାବିଲା ପାଇଁ ଦ୍ରାବିଡ଼ ବାହିନୀ ପ୍ରସ୍ତୁତ; ଦକ୍ଷିଣ ଆଫ୍ରିକା ୨୨୧ ରନ୍‌ରେ ବିଜୟୀ; ଗିବ୍‌ସଙ୍କ ବିଶ୍ୱ ରେକର୍ଡ; ବାଉଚର୍‌ଙ୍କ ବିଶ୍ୱ କପ୍ ରେକର୍ଡ; ପାପୁଲି କଟା ମାମଲାଃ ୧୪ ମାସ ପରେ ଡାକ୍ତରଙ୍କୁ କୈଫିୟତ ତଲବ; ସରକାର

ତାରିଖ : ୧୮/୩/୨୦୦୭

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

Bhubaneswar Balasore Katak Brahmapur Jeypore Sambalpur Anugul Rourkela
Yellow pages | Orissa info | Ayurveda | Glamour Orissa | Public news reporting
Real-estate | Bidese odia | Vastu & Horoscope | Matrimonials | Calendar
Exam result | Art & craft | Eminent Personality | Jobs | News Archive

ମୁଖ୍ୟ ପୃଷ୍ଠା
ମୁଖ୍ୟ ଖବର
ଅନ୍ୟାନ୍ୟ ଖବର
କ୍ରୀଡ଼ା ଖବର
ଜାତୀୟ ଖବର
ଅନ୍ତର୍ଜାତୀୟ ଖବର
ମହାନଗର ଖବର
ରବିବାର ସମ୍ବାଦ
ବିଜ୍ଞାପନ
ସଂପାଦକୀୟ
ସାକ୍ଷାତକାର
ଆମ ସଂପର୍କରେ
କଟାକ୍ଷ
ସଂସ୍କରଣ ଅଭିଲେଖ

**Editorial**

## କେନ୍ଦ୍ର ଦୃଷ୍ଟିରେ ଓଡ଼ିଶା

ଦଳ ମେଣ୍ଟ ନିର୍ବିଶେଷରେ କେନ୍ଦ୍ରରେ କ୍ଷମତାସୀନ କୌଣସି ସରକାରଠାରୁ ଓଡ଼ିଶା ଯେ ତାର ନ୍ୟାଯ୍ୟ ପ୍ରାପ୍ୟ ପାଇପାରି ନାହିଁ ଏଥିରେ କେହି ଦ୍ୱିମତ ହେବେ ନାହିଁ । କେତେବେଳେ କେମିତି ଯେ କେନ୍ଦ୍ର ଉଦ୍ୟୋଗରେ ପରିଚାଳିତ କାରଖାନାଟିଏ ବା କେତୋଟି ଶିକ୍ଷା ଓ ସାମାଜିକ ଅନୁଷ୍ଠାନ ଓଡ଼ିଶା ଭାଗରେ ନପଡ଼ିଛି, ତା'ନୁହେଁ ; କିନ୍ତୁ ସ୍ୱାଧୀନତା ପ୍ରାପ୍ତିର ବହୁ ପୂର୍ବରୁ ବିଭିନ୍ନ ଐତିହାସିକ ଏବଂ ଭୌଗୋଳିକ କାରଣରୁ ଦେଶର ସବୁଠାରୁ ଅଧିକ ପଛୁଆ ରାଜ୍ୟ ଭାବରେ ରହିଆସିଥିବା ଓଡ଼ିଶାକୁ ଆଗୁଆ ରାଜ୍ୟ ମାନଙ୍କର ସମାସ୍କନ୍ଧ କରିବା ଦିଗରେ ଯେତିକି ତତ୍ପରତା ପ୍ରକାଶ ପାଇବା ଆବଶ୍ୟକ ସେଥିରୁ ଓଡ଼ିଶା ବରାବର ବଞ୍ଚିତ ହୋଇ ରହିଆସିଛି । ଅଥଚ ପ୍ରାକୃତିକ ସଂପଦ ଓ ମାନବ ସମ୍ବଳ କ୍ଷେତ୍ରରେ ଓଡ଼ିଶାର ସମୃଦ୍ଧି ସଂପର୍କରେ ପ୍ରଶ୍ନ ଉଠାଇବାର କିଛି ନାହିଁ । ସ୍ୱାଧୀନତା ପ୍ରାପ୍ତିର ୬୦ ବର୍ଷ ବିତିଯାଇଥିଲେ ମଧ୍ୟ ଓଡ଼ିଶାରେ କେନ୍ଦ୍ରୀୟ ଉଦ୍ୟୋଗରେ ଆଇଆଇଟି ଭଳି ବୈଷୟିକ ଶିକ୍ଷାନୁଷ୍ଠାନ ଗୋଟିଏ ହେଲେ ପ୍ରତିଷ୍ଠା କରାଯାଇ ନାହିଁ । ସେହିପରି ବ୍ୟବସାୟ ପରିଚାଳନା ଶିକ୍ଷା ଦାନ କ୍ଷେତ୍ରରେ ଆନ୍ତର୍ଜାତିକ ସ୍ତରରେ ସ୍ୱୀକୃତି ଲାଭ କରିଥିବା ଗୋଟିଏ ହେଲେ ଆଇଆଇଏମ୍ କେନ୍ଦ୍ର ସରକାର ଓଡ଼ିଶାକୁ ଦେଇନାହାନ୍ତି । ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠାର ପ୍ରତିଶ୍ରୁତି ଭଙ୍ଗ ହେଲାପରେ ବହୁ ସ୍ତରରେ ଚାପ ଯୋଗୁଁ ଶେଷରେ ଗୋଟିଏ ବୈଜ୍ଞାନିକ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ପ୍ରତିଷ୍ଠା କରିବାର ନିଷ୍ପତ୍ତି ନିଆଯାଇଛି ।

କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ କହୁଛନ୍ତି ଓଡ଼ିଶାରେ ଗୋଟିଏ ଆଇଆଇଟି ପ୍ରତିଷ୍ଠା କରିବା ପ୍ରସ୍ତାବ ବାତିଲ କରାଯାଇ ନାହିଁ । କିନ୍ତୁ ଅନ୍ୟାନ୍ୟ କେତେକ ରାଜ୍ୟରେ ଆଇଆଇଟି ପ୍ରତିଷ୍ଠା ନିଷ୍ପତ୍ତି ପ୍ରକାଶ ପାଇବା ବେଳେ କେନ୍ଦ୍ର ସରକାର କେଉଁ ଯୁକ୍ତିରେ ଓଡ଼ିଶା ପାଇଁ ନିଷ୍ପତ୍ତି ନେଇପାରିଲେ ନାହିଁ, ତାହା ରହସ୍ୟଜନକ ମନେହେବା ସ୍ୱାଭାବିକ । କେନ୍ଦ୍ରରେ ଏନ୍‌ଡିଏ ସରକାର ଅମଳରୁ ଅଲ୍‌ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ୍ ସାଇନ୍‌ସ (ଏଆଇଆଇଏମ୍‌ଏସ୍) ଢାଞ୍ଚାରେ ଏକ ଅନୁଷ୍ଠାନ ବସାଇବାର ନିଷ୍ପତ୍ତି କେବେ ଯେ ସାକାର ହେବ ତାହା ଜଣାପଡୁ ନାହିଁ ।

ଓଡ଼ିଶା ପାଇଁ ଏକ ଅଭିଶାପ ଭାବରେ ରହିଆସିଛି ପ୍ରାକୃତିକ ବିପତ୍ତି । ତାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ତ ଦୂରର କଥା ବିପତ୍ତି ପଡ଼ିଲେ ସାଧାରଣ ଲୋକଙ୍କର ଅର୍ଥନୈତିକ ମେରୁଦଣ୍ଡ ଉପରେ ଯେପରି ଶକ୍ତ ଆଘାତ ଲାଗିଥାଏ ସେଥିରୁ ଉଦ୍ଧାର କରି ସେମାନଙ୍କୁ ବିପତ୍ତିର ପୂର୍ବାବସ୍ଥାକୁ ଫେରାଇ ଆଣିବାରେ ଆବଶ୍ୟକ ସାହାଯ୍ୟ ଯୋଗାଇ ଦେବାରେ କେନ୍ଦ୍ର ସରକାରଙ୍କ ଦ୍ୱିଧା ଏକ ଜଣାଶୁଣା କଥା । ସେ ୧୯୯୯ ସାଲର ମହାବାତ୍ୟା ହେଉ କିମ୍ବା ୨୦୦୬ର ତୁହାକୁ ତୁହା ବର୍ଷା ବିପତ୍ତି ଯୋଗୁ ବାରମ୍ବାର ବନ୍ୟା ପ୍ରକୋପର ବିଭୀଷିକା ହେଉ ପ୍ରତ୍ୟେକଟି କ୍ଷେତ୍ରରେ ଓଡ଼ିଶା ଚାତକ ଭଳି କେନ୍ଦ୍ରୀୟ ଅନୁଦାନକୁ ଚାହିଁ ବସିଥାଏ । ବହୁ ଠେଲାପେଲା ପରେ ଯାହା ମିଳିଥାଏ ତାର ପରିମାଣ ଲଜ୍ଜାଜନକ ବୋଲି ଉଲ୍ଲେଖ କରିବା ଭୁଲ ହେବ ନାହିଁ ।

ଏବର୍ଷ କେନ୍ଦ୍ର ସରକାରଙ୍କ ରେଳବାଇ ବଜେଟ୍‌ରେ ଗତବର୍ଷ ତୁଳନାରେ ଓଡ଼ିଶା ପାଇଁ ୪୮ କୋଟି ଟଙ୍କା କମ୍ ବ୍ୟୟ ବରାଦ କରାଯାଇଛି । ୨୦୦୬ର ବନ୍ୟା ବିପତ୍ତି ପାଇଁ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ୨୦୦ କୋଟି ଟଙ୍କାର କେନ୍ଦ୍ରୀୟ ସାହାଯ୍ୟ ଘୋଷଣା କଲେ । ଦେଖାଗଲା ତା ମଧ୍ୟରେ ଅନୁଦାନର ପରିମାଣ ମାତ୍ର ୨୫ କୋଟି ଟଙ୍କା । ବାକିତକ ରାଜ୍ୟ ବିପର୍ଯ୍ୟୟ ପାଣ୍ଠିକୁ ସ୍ୱାଭାବିକ ଭାବରେ ଯାହା ମିଳିଥାଏ ସେହି ବାବଦରୁ ମିଳିବ । ବନ୍ୟା ବିପତ୍ତିରେ କ୍ଷୟକ୍ଷତିର ପରିମାଣ ୨୨ ଶହ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇ କେନ୍ଦ୍ରୀୟ ସାହାଯ୍ୟ ଲୋଡ଼ାଗଲା । କେନ୍ଦ୍ର ସରକାରଙ୍କ ଅନୁଧ୍ୟାନକାରୀ ଦଳ ଆସି ପରିସ୍ଥିତି ତଦାରଖ କରି ଗଲେ । ବହୁକାଳ ଅପେକ୍ଷା କରିବା ପରେ ଯାହା ମଞ୍ଜୁର ହେଲା ତାହା ଧର୍ମକୁ ଆଖି ମିଟିକା ମାରିବା ଭଳି ହେଲା ।

ଏ ପ୍ରକାର ପରିସ୍ଥିତିର ମୁକାବିଲା କରିବା କ୍ଷେତ୍ରରେ ଆମ ଆଡୁ ଯେ ତ୍ରୁଟି ରହୁନାହିଁ ଏପରି ନୁହେଁ । ନିକଟରେ କରାଯାଇଥିବା ଏକ ସମୀକ୍ଷାରୁ ପ୍ରକାଶ ଯେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ଥିବା ୩୯୨ କୋଟି ୩୨ ଲକ୍ଷ ଟଙ୍କାର ପାଣ୍ଠିରୁ ଏବର୍ଷ ଏପର୍ଯ୍ୟନ୍ତ ମାତ୍ର ୫୫ କୋଟି ୭୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ପାରିଛି । ପାଣ୍ଠି ଥାଇ ଖର୍ଚ୍ଚ କରାଯାଇ ପାରୁନଥିବା ହୁଏତ ଗୋଟିଏ କାରଣ, ଯେଉଁଥିପାଇଁ କେନ୍ଦ୍ର ସରକାର ଅଧିକ ଅର୍ଥ ମଞ୍ଜୁର କରିବାପାଇଁ ଚାହୁଁନାହାନ୍ତି । ରାଜନୀତିରୁ ଊର୍ଦ୍ଧ୍ୱରେ ରହି ମିଳିତ ଭାବରେ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବା ବ୍ୟତୀତ ବିଭିନ୍ନ ବାବଦରେ ମିଳୁଥିବା ପାଣ୍ଠିର ସମୟବଦ୍ଧ ବିନିଯୋଗ ମଧ୍ୟ ଏକାନ୍ତ ଆବଶ୍ୟକ । କିନ୍ତୁ ଆଇଆଇଟି ବା ଆଇଆଇଏମ୍ ଭଳି ଅନୁଷ୍ଠାନ ପ୍ରତିଷ୍ଠା କରିବାରେ କେନ୍ଦ୍ରୀୟ ଅବହେଳା ଆଦୌ କ୍ଷମଣୀୟ ନୁହେଁ ।

ସମ୍ବାଦ SPACE FOR BANNER
Click here for WEB ADVERTISEMENT TARIFF CLICK
ସମ୍ବାଦ SPACE FOR BANNER
ସମ୍ବାଦ SPACE FOR BANNER



ସମ୍ବାଦ SPACE FOR BANNER
ସମ୍ବାଦ SPACE FOR BANNER

କଟାକ୍ଷ

ବିତର୍କ/ମତାମତ ସଂଗ୍ରହ

**Poll ID 0 does not exist.**

News letter

**Newsletter Signup**

Name*

Email*

Subscribe

Unsubscribe

Make your attractive website with domain name booking and web space only @ **INR 3995**/- * for further information contact info@modulesoft.com or call us at +91-674-3292837 ** Yo

*Powered by* EML in Association with Modulesoft
Copyright © 2006 orissasambad.com. This Site is Best Viewed by : Internet Explorer in 1024 * 768